## ସଂକ୍ଷେପରେ

### କୋଭିଡ୍ ସଚେତନତା କାର୍ଯ୍ୟକ୍ରମ

**ବୁଗୁଡ଼ା,୨୫।୯(ଡି.ଏନ.ଏ.):** ଗଞ୍ଜାମ ଜିଲା ଭାରତ ସ୍କାଉଟ ଓ ଗାଇଡ୍ ଆନୁକୁଲ୍ୟାରେ ବୁଗୁଡ଼ା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ତତ୍ତ୍ୱାବଧାନରେ ଏକ କୋଭିଡ୍ ସଚେତନତା ଓ ମାସ୍କ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହାକୁ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରମୋଦ ଚନ୍ଦ୍ର ସେନାପତି ଉଦ୍‌ଘାଟନ କରିଥିଲେ। ସ୍କାଉଟ୍ ମାଷ୍ଟର ବିଶେଶ୍ୱର ଗିରି, ବୈଷ୍ଣବ ଚରଣ ଦାଶ, ଗଙ୍ଗାଧର ଦାଶ, ଗୋପାଳ ପାତ୍ରଙ୍କ ପରିଚାଳନାରେ ଶିବାଜୀ ରୋଭର୍ କ୍ରିୟୁର ସ୍ୱେଚ୍ଛାସେବୀମାନେ କରୋନା ସମ୍ପର୍କରେ ଜନ ସାଧାରଣଙ୍କୁ ସଚେତନତା କରିବା ସହ ମାସ୍କ ଓ ସାବୁନ ବଣ୍ଟନ କରିଥିଲେ।

### ୩ କର୍ମଚାରୀ ସଂକ୍ରମିତ, ୧୦ ଦିନ ବ୍ୟାଙ୍କ ବନ୍ଦ

**ଆସିକା,୨୫।୯(ଡି.ଏନ୍.ଏ.):** ଆସିକା କଳିଙ୍ଗା ରୋଡସ୍ଥିତ ଭାରତୀୟ ଷ୍ଟେଟ ବ୍ୟାଙ୍କର ୩ କର୍ମଚାରୀ କରୋନାରେ ଆକ୍ରାନ୍ତ ହୋଇଥିବା ଶୁକ୍ରବାର ଜଣାପଡିଥିଲା। ଆସିକା ତହସିଲଦାର ସଦାନନ୍ଦ ସେଠୀ, ଏନଏସିର ଭାରପ୍ରାପ୍ତ ନିର୍ବାହୀ ଅଧିକାରୀ ସାଗର ପାଳ ଉକ୍ତ ବ୍ୟାଙ୍କ ଶାଖାରେ ପହଞ୍ଚି ମଧ୍ୟାହ୍ନରୁ ଗ୍ରାହକ ସେବା ବ୍ୟବସ୍ଥା ବନ୍ଦ କରିଛନ୍ତି। ଆସନ୍ତା ୧୦ ଦିନ ପର୍ଯ୍ୟନ୍ତ ବ୍ୟାଙ୍କ ବନ୍ଦ ରହିବ ବୋଲି ସୂଚନା ଦିଆଯାଇଛି। ପ୍ରଶାସନ ପକ୍ଷରୁ ସଂପୃକ୍ତ ବ୍ୟାଙ୍କକୁ କଣ୍ଟେନମେଣ୍ଟ ଜୋନ ଘୋଷଣା ନିମନ୍ତେ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିବା ତହସିଲଦାର ସେଠୀ ସୂଚନା ଦେଇଛନ୍ତି। ଆସିକା ଏନଏସିର ୧୮ ୱାର୍ଡ ମଧ୍ୟରୁ ଅଦ୍ୟାବଧି ୬ଟି ୱାର୍ଡ ରେଡ ଜୋନ ତାଲିକାରେ ରହିଛନ୍ତି। ଏନଏସିରେ ଶୁକ୍ରବାର ସୁଦ୍ଧା ୮ଜଣ ସଂକ୍ରମିତ ଅଛନ୍ତି ବୋଲି ନିର୍ବାହୀ ଅଧିକାରୀ ପାଳ ସୂଚନା ଦେଇଛନ୍ତି।

### ମହିଳା ଚା’ ଦୋକାନୀଙ୍କୁ ଆକ୍ରମଣ

**କାଶୀନଗର,୨୫।୯:** କାଶୀନଗର ବସ୍‌ଷ୍ଟାଣ୍ଡ ନିକଟରେ ଚା’ ଦୋକାନ କରିଥିବା କନ୍ୟାକୁମାରୀ ସାହୁଙ୍କୁ ଜଣେ ଯୁବକ ଆକ୍ରମଣ କରିଥିବା ଥାନାରେ ଅଭିଯୋଗ ହୋଇଛି। ୫ନଂ ୱାର୍ଡର କୋରିକାନ ଚିନ୍ନାୟା ସକାଳେ ତାଙ୍କ ଦୋକାନକୁ ଆସି ଚା’ ପିଇଥିଲେ। ଚା’ ଭଲନାହିଁ ବୋଲି କହିବା ସହ ଏକ ଠେଙ୍ଗାରେ ଦୋକାନରେ ଥିବା ଜିନିଷପତ୍ର ଭଙ୍ଗାରୁଜା କରିବା ସହ ଗରମ ଚା’ କନ୍ୟାକୁମାରୀଙ୍କ ଫିଙ୍ଗି ଥିବା ଅଭିଯୋଗରେ ଉଲ୍ଲେଖ ରହିଛି। ପୋଲିସ ନଂ.୮୭/୨୦ରେ ଏକ ମାମଲା ରୁଜୁକରି ଅଭିଯୁକ୍ତଙ୍କୁ ଅଟକ ରଖି ତଦନ୍ତ ଚଳାଇଛି।

### କୂଅରୁ ମୃତ ବାର୍‌ହା ଉଦ୍ଧାର

**ବୁଗୁଡ଼ା,୨୫।୯(ଡି.ଏନ.ଏ.):** ବୁଗୁଡ଼ା ବନାଞ୍ଚଳ ଅନ୍ତର୍ଗତ କରଚୁଲି ଶିବ ମନ୍ଦିର ରାସ୍ତାରେ ଥିବା ଏକ ପରିତ୍ୟକ୍ତ କୂଅରୁ ଶୁକ୍ରବାର ବନ ବିଭାଗ ତରଫରୁ ଏକ ମୃତ ବାର୍‌ହା ଉଦ୍ଧାର କରାଯାଇଛି। ଉକ୍ତ କୂଅରେ ଦିନେ ଦୁଇଦିନ ହେବ ଏକ ବାର୍‌ହା କୌଣସିମତେ ପଡ଼ି ଯାଇଥିଲା। ଦୁର୍ଗନ୍ଧ ହେବାରୁ ସେହି ରାସ୍ତା ଦେଇ ଯାଉଥିବା ଲୋକେ କୂଅ ଭିତରେ ବାର୍‌ହା ପଡ଼ିଥିବା ଦେଖି ବନ ବିଭାଗକୁ ଜଣାଇଥିଲେ। ଖବର ପାଇ ବନପାଳ ଶୁଭଙ୍କ ରଥ୍ୟତ, ବନରକ୍ଷୀ ବାଳକୃଷ୍ଣ ପାଣିଗ୍ରାହୀ ଏବଂ ଅନ୍ୟାନ୍ୟ କର୍ମଚାରୀମାନେ ଘଟଣାସ୍ଥଳ ପହଞ୍ଚି ମୃତ ବାର୍‌ହାକୁ ଉଦ୍ଧାର କରିଥିଲେ। ବ୍ୟବଚ୍ଛେଦ କରାଇ ବାର୍‌ହାଟିକୁ ପୋତି ଦିଆଯାଇଥିଲା।

### ସମାଧାନ ହେଲା ଗାଁସାଥୀଙ୍କ ସମସ୍ୟା

ପୋଲସରା,୨୫।୯(ଡି.ଏନ.ଏ.)- ପୋଲସରା ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ସମିତି ବୈଠକ ଗୃହରେ ଗୁରୁବାର ଗାଁ ସାଥିମାନଙ୍କ ସମସ୍ୟାକୁ ନେଇ ବିଡ଼ିଓ ଶମ୍ଭୁନାଥ ନନ୍ଦୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ପୋଲସରା ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧକ୍ଷ ଶ୍ରୀକାନ୍ତ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗାଁ ସାଥୀମାନଙ୍କ ରହିଥିବା ସମସ୍ୟା ଉପରେ ଆଲୋଚନା କରି ତୁରନ୍ତ ସମାଧାନ କରିବାକୁ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପ୍ରତ୍ୟେକ ପ୍ରକଳ୍ପରେ ଗାଁ ସାଥୀ ଉପସ୍ଥିତ ରହି କାର୍ଯ୍ୟ ସମ୍ପାଦନ କରିବେ। ମହିଳା ଗାଁ ସାଥୀମାନଙ୍କୁ ପ୍ରାଧାନ୍ୟ ଦିଆଯିବ ବୋଲି ବିଡ଼ିଓ ଓ ବିଧାୟକ କହିଥିଲେ। ଗାଁ ସାଥି, ଯନ୍ତ୍ରୀ, ଗ୍ରାମରୋଜଗାର ସେବକ, ବିଭିନ୍ନ ଅଧିକାରୀ ମିଳିତ ଆଲୋଚନା ପରେ ସମସ୍ୟାର ସମାଧାନ ହୋଇଥିଲା। ବୈଠକରେ ବ୍ଲକ ଅଧକ୍ଷ ବଳରାମ ସେଠୀ, ଉପଧକ୍ଷା ସଂଯୁକ୍ତା ବାଡତ୍ୟା, ସହକାରୀ ଯନ୍ତ୍ରୀ ଗୋପାଳ କୃଷ୍ଣ ଗୌଡ଼ ସମେତ ଜିଆର୍‌ଏସ୍ ଯନ୍ତ୍ରୀ ଉପସ୍ଥିତ ଥିଲେ।

# ଗଞ୍ଜାମ: ୪ ଲକ୍ଷରୁ ଊର୍ଦ୍ଧ୍ୱ କରୋନା ଟେଷ୍ଟ

**ଛତ୍ରପୁର,୨୫।୯(ଡି.ଏନ୍.ଏ.)**

ଗଞ୍ଜାମ ଜିଲାରେ ୪ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କ କରୋନା ଟେଷ୍ଟ ହେଲାଣି। କରୋନା ଟେଷ୍ଟ ସହରାଞ୍ଚଳରେ ୱାର୍ଡସ୍ତରରେ ଏବଂ ଗ୍ରାମାଞ୍ଚଳରେ ପଞ୍ଚାୟତସ୍ତରରେ ହେଉଛି। ପ୍ରଶାସନ ପକ୍ଷରୁ ଜିଲାରେ ଏବେ କୋଭିଡ୍ ସପ୍ତାହ ପାଳନ ହେଉଛି। ଏହି ସମୟରେ ଟେଷ୍ଟ ଆହୁରି ବୃଦ୍ଧି ହେବ ବୋଲି ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ କହଛନ୍ତି। ଗୁରୁବାର ଜିଲାରେ ୪,୬୯୪ ଜଣଙ୍କ କରୋନା ଟେଷ୍ଟ ହୋଇଛି। ଏହାକୁ ମିଶାଇ ବର୍ତ୍ତମାନ ସୁଦ୍ଧା ଜିଲାରେ ୪ ଲକ୍ଷ ୫ ହଜାର ୮୫ ଜଣଙ୍କ କରୋନା ଟେଷ୍ଟ କରାଯାଇଥିବା ଜିଲାପାଳ ସୂଚନା ଦେଇଛନ୍ତି।

ଜିଲାରେ ଆଉ ୬୩ ନୂଆ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ୯୯ ଜଣ ସୁସ୍ଥ ହୋଇଛନ୍ତି। ନୂଆ ଆକ୍ରାନ୍ତଙ୍କ



ଅକ୍ସିଜେନ୍ ସ୍ତର ଯାଞ୍ଚ ହେଉଛି।

ମଧ୍ୟରେ ୮ କୋଭିଡ୍ ଯୋଦ୍ଧା ଅଛନ୍ତି। ବର୍ତ୍ତମାନ ସୁଦ୍ଧା ଜିଲାରେ ୧୯,୯୩୪ ଜଣ କରୋନାରେ ଆକ୍ରାନ୍ତ ହେଲେଣି। ସେମାନଙ୍କ ମଧ୍ୟରୁ ୧୯,୪୦୮ ଜଣ (୯୭.୪%) ସୁସ୍ଥ ହୋଇଛନ୍ତି। ଏବେ ଜିଲାରେ ୩୦୦ ସକ୍ରିୟ ଆକ୍ରାନ୍ତ ଅଛନ୍ତି। ୨୧୮ ଆକ୍ରାନ୍ତଙ୍କ ଜୀବନ ଯାଇଛି। ଅଣକୋଭିଡ୍‌ରେ ୮ ଜଣଙ୍କ ମୃତ୍ୟୁ

**ଜିଲାରେ ୩୦୦ ସକ୍ରିୟ ଆକ୍ରାନ୍ତ, ୯୭.୪% ସୁସ୍ଥ**

ହୋଇଛି। କୋଭିଡ୍ ସପ୍ତାହର ଦ୍ୱିତୀୟ ଦିବସ ଶୁକ୍ରବାର ମଧ୍ୟ ବିଭିନ୍ନ ସ୍ଥାନରେ କରୋନା ଦୂର ଏବଂ ନିୟମ ପାଳନ ନେଇ ଶପଥ ପାଠ, ସଚେତନତା ରଥ ପରିକ୍ରମା, ଘରକୁ ଘର ବୁଲି ସ୍ୱାସ୍ଥ୍ୟସ୍କ୍ରିନିଂ, ଅକ୍ସିଜେନ୍‌ସ୍ତର ଯାଞ୍ଚ କରାଯାଇଛି। ଏଥିସହ କୋଭିଡ୍-୧୯ ମହାମାରୀ ନେଇ ସଚେତନତା ବାର୍ତ୍ତା ଦିଆଯାଉଛି। ଛତ୍ରପୁର ଉପଖଣ୍ଡର ଅଙ୍ଗନୱାଡି କର୍ମୀମାନେ କୋଭିଡ୍ ସପ୍ତାହ ଅବସରରେ ରଙ୍ଗୋଲି ମାଧ୍ୟମରେ ସଚେତନତା ଜାରି ରଖିଥିବା ଉପଜିଲାପାଳ ପ୍ରିୟରଞ୍ଜନ ପୃଷ୍ଟି କହିଛନ୍ତି।

## କନ୍ଧମାଳରେ ୪ ହଜାର ଟପିଲା ଆକ୍ରାନ୍ତ ସଂଖ୍ୟା

**ଫୁଲବାଣୀ ଅଫିସ, ୨୫।୯**

କନ୍ଧମାଳ ଜିଲାରେ କିଛିଦିନ ହେଲା କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୧୦୦ ଉପରେ ରହୁଛି। ଅଧିକାଂଶ ସଂକ୍ରମିତ ଫୁଲବାଣୀରେ ଚିହ୍ନଟ ହେଉଥିବା ବେଳେ ପଛକୁ ରହିଛି ବାଲିଗୁଡା ସହର। କଟକଣା କୋହଳ ହୋଇଥିବାରୁ ପରିବା ମାର୍କେଟ, ମାଛ ମାର୍କେଟରେ ସାମାଜିକ ଦୂରତା ରହୁନାହିଁ। ଫଳରେ ସ୍ଥିତି ଅଣାୟତ ହେବାରେ ଲାଗିଛି। ଶୁକ୍ରବାର ଜିଲାରେ ୧୦୨ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଫଳରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୪୦୯୦ରେ ପହଞ୍ଚିଛି। ଅନ୍ୟପଟେ ସରକାରୀ ଭାବେ ଜିଲାରେ ମୃତ୍ୟୁ ସଂଖ୍ୟା ୨୧ କୁହାଯାଉଥିଲେ ମଧ୍ୟ ପ୍ରକୃତ ସଂଖ୍ୟା ଏହାଠାରୁ ଅଧିକ। ନୂଆ ସଂକ୍ରମିତଙ୍କ ମଧ୍ୟରୁ ଫୁଲବାଣୀରୁ ସର୍ବାଧିକ ୧୯ ଜଣ ଚିହ୍ନଟ ହୋଇଥିବା ବେଳେ ବାଲିଗୁଡାରୁ ୧୩, ଚକାପାଦରୁ ୧୪, ଦାରିଙ୍ଗିବାଡିରୁ ୫, କ. ନୂଆଗାଁରୁ ୬, ଖଜୁରିପଡାରୁ ୧୦, ଫିରିଙ୍ଗିଆରୁ ୧୧, ରାଇକିଆରୁ ୮, ଟିକାବାଲିରୁ ୧୦, ତୁମୁଡିବନ୍ଧରୁ ୨ ଜଣ, ଜି.ଉଦୟଗିରି ଓ କୋଟଗଡରୁ ଜଣେ ଲେଖାଏ ଏବଂ ବାହାରୁ ୨ ଜଣ ଚିହ୍ନଟ ହୋଇଛନ୍ତି।

## ୭ ଦିନ ରାଇକିଆ ବଜାର ବନ୍ଦ

**ରାଇକିଆ,୨୫।୯(ଡି.ଏନ୍.ଏ.):** ରାଇକିଆ ଅଞ୍ଚଳରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢୁଛନ୍ତି। ଗତ ଏକ ମାସ ହେଲା ଦୋକାନ ବଜାର ଖୋଲିଲା ପରେ ରୋଗୀଙ୍କ ସଂଖ୍ୟା ବୃଦ୍ଧି ଘଟିଛି। ଟେଷ୍ଟ କମ୍ ହେଉଥିବାବେଳେ ବହୁ ଲୋକେ ଥଣ୍ଡା, କାଶ, ଜରରେ ପୀଡିତ ହେଉଛନ୍ତି। ଅଞ୍ଚଳର ଏଭଳି ଅବସ୍ଥା ଦେଖି ବିଭିନ୍ନ ସଙ୍ଗଠନ ପକ୍ଷରୁ ମିଳିତ ଭାବେ ଶନିବାରଠାରୁ ୭ ଦିନ ପାଇଁ ରାଇକିଆ ଦୋକାନ ବଜାର ବନ୍ଦ ରଖିବାକୁ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ନିବେଦନ କରାଯାଇଛି। ଏଥିରେ ଜନସାଧାରଣ ସହଯୋଗ କରିବାକୁ ଅନୁରୋଧ କରିଛନ୍ତି।

## ମହିଳା ଯାତ୍ରୀଙ୍କୁ ସଚେତନ କଲା ଆର୍‌ପିଏଫ୍

**ବ୍ରହ୍ମପୁର ଅଫିସ,୨୫।୯**

ରେଳ ସୁରକ୍ଷା ବାହିନୀ (ଆରପିଏଫ)ର ୩୬ତମ ପ୍ରତିଷ୍ଠା ଦିବସ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି। ଆର୍‌ପିଏଫ୍ ଅଧିକାରୀ ଦିଲୀପ କୁମାରଙ୍କ ନେତୃତ୍ୱରେ ମହିଳା ଯାତ୍ରୀଙ୍କୁ ସଚେତନ କରାଯାଇଥିଲା। ଯାତ୍ରା ସମୟରେ ମହିଳା ଓ ଶିଶୁମାନେ କିଭଳି ସତର୍କତା ଅବଲମ୍ବନ କରିବେ ସେନେଇ ସୂଚନା ଦିଆଯାଇଥିଲା। ସେହିପରି ମେମୁ, ଡିଏମ୍ୟୁରେ ମହିଳାଙ୍କ ପାଇଁ ସଂରକ୍ଷିତ ଥିବା ବଗି ଓ ବିଭିନ୍ନ ଏକ୍ସପ୍ରେସ ଟ୍ରେନ୍‌ରେ ମହିଳାଙ୍କ ପାଇଁ ରହିଥିବା ସିଟ୍ ସମ୍ପର୍କରେ କୁହାଯାଇଥିଲା। ଏଥିସହ ପ୍ଲାଟଫର୍ମରେ ଥିବା ମହିଳା ପ୍ରତିକ୍ଷାଳୟ ଏବଂ ଅନ୍ୟ ସୁବିଧା ଉପରେ ସୂଚନା ଦିଆଯାଇଥିଲା। କୌଣସି ଅସୁବିଧା ହେଲେ ଯାତ୍ରୀମାନଙ୍କୁ ୧୮୨ରେ ଫୋନ କରିବାକୁ କୁହାଯାଇଥିଲା।

## ଉପଜିଲାପାଳଙ୍କ ତହସିଲ, ଆର୍‌ଆଇ ଅଫିସ ପରିଦର୍ଶନ

**ବୁଗୁଡ଼ା,୨୫।୯(ଡି.ଏନ.ଏ.)**

ଭଞ୍ଜନଗର ଉପଜିଲାପାଳ ରାଜେନ୍ଦ୍ର ମିଞ୍ଜି ଗୁରୁବାର ବୁଗୁଡ଼ା ଗସ୍ତରେ ଆସି ତହସିଲ କାର୍ଯ୍ୟାଳୟ ପରିଦର୍ଶନ କରିବା ସହ ବି.କରଡ଼ାବାଡ଼ି ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ପରିଦର୍ଶନ କରିଥିଲେ। ଉପଜିଲାପାଳ ପ୍ରଥମେ ତହସିଲରେ ପହଞ୍ଚି ତହସିଲଦାର ସଂଗ୍ରାମ କେଶରୀ ଜେନାଙ୍କ ସହ ବିଭିନ୍ନ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରି ରେକର୍ଡପତ୍ର ଯାଞ୍ଚ ସହ ସମୀକ୍ଷା କରିଥିଲେ। ଶେଷରେ ସେ ବି.କରଡ଼ାବାଡ଼ି ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ପହଞ୍ଚି ସମ୍ପୂର୍ଣ୍ଣ ଭାବେ ଉକ୍ତ କାର୍ଯ୍ୟାଳୟର ୧୬ ରେଜିଷ୍ଟାରର ଯାଞ୍ଚ କରି ବିଭିନ୍ନ କାମର ସମୀକ୍ଷା କରିଥିଲେ। ଶେଷରେ ଉକ୍ତ ହତାରେ ଉପଜିଲାପାଳ ଚାରାରୋପଣ କରିଥିଲେ। ଆରଆଇ ଲିଙ୍ଗରାଜ ସାହୁଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ଉଦ୍‌ଘାଟନ, ଭିତ୍ତିପ୍ରସ୍ତର ସ୍ଥାପନ

**ଆସିକା,୨୫।୯(ଡି.ଏନ୍.ଏ.)**

ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ ଶୁକ୍ରବାର ଆସିକା ଅଞ୍ଚଳରେ କେତେକ ପ୍ରକଳ୍ପର ଉଦଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଆସିକା ସବ୍‌ଡିଭିଜନାଲ ହସ୍ପିଟାଲ ପରିସରରେ ୩୭ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ବର୍ହିଃ ଚିକିତ୍ସା ବିଭାଗର ଏକ ସଂପ୍ରସାରିତ କୋଠାକୁ ବିଧାୟିକା ଉଦଘାଟନ କରିଥିଲେ। ପରେ ବଡଖୋଲି ପଞ୍ଚାୟତ ଅନ୍ତର୍ଗତ ସାନଖୋଲି ଗ୍ରାମରେ ଆମ ଗାଁ ଆମ ବିକାଶ ଯୋଜନାରେ ୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ଏକ ଗୋଷ୍ଠୀ କେନ୍ଦ୍ର ଓ ଶିବ ମନ୍ଦିର ପାଚେରୀ ନିର୍ମାଣ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ।

## ବର୍ଦ୍ଧିତ ବିଦ୍ୟୁତ୍ ବିଲ୍ ପ୍ରତ୍ୟାହାର ଦାବି




ସାଉଥ୍‌କୋ କାର୍ଯ୍ୟାଳୟ ଆଗରେ ପିପୁଲ ଫର୍ ଦି ପବ୍ଲିକ ସଙ୍ଗଠନର କର୍ମକର୍ତ୍ତା।

**ବ୍ରହ୍ମପୁର ଅଫିସ,୨୫।୯**

ତ୍ରୁଟିପୂର୍ଣ୍ଣ ମିଟର ପରିବର୍ତ୍ତନ ଓ ବର୍ଦ୍ଧିତ ବିଦ୍ୟୁତ ବିଲ୍ ପ୍ରତ୍ୟାହାର କରିବାକୁ ପିପୁଲ ଫର ଦି ପବ୍ଲିକ ପକ୍ଷରୁ ଦାବି ହୋଇଛି। ଏ ନେଇ ଶୁକ୍ରବାର ସଙ୍ଗଠନ ପକ୍ଷରୁ ବ୍ରହ୍ମପୁରସ୍ଥିତ ସାଉଥକୋ ପ୍ରଶାସନିକ ଅଧିକାରୀଙ୍କ ସହ ଓଡିଶା ବିଦ୍ୟୁତ୍ ନିୟାମକ ଆୟୋଗ, ବିଦ୍ୟୁତ ବିଭାଗ, ଓପିଟିସିଏଲର ମୁଖ୍ୟ ପ୍ରଶାସନିକ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। କରୋନା ମହାମାରୀ ସମୟରେ ସାଧାରଣ ଜନତା ଜୀବନ ଜୀବିକା ପାଇଁ ସଂଘର୍ଷ କରୁଛନ୍ତି। ଏଭଳି ସମୟରେ ସାଉଥ୍‌କୋ ମନଇଚ୍ଛା ବିଲ୍ ବୃଦ୍ଧି କରିବା ସହ ତ୍ରୁଟିପୂର୍ଣ୍ଣ ବିଲ ଦେଇ ଦେୟ ଆଦାୟ କରୁଥିବା ସଂଗଠନ ଅଭିଯୋଗ କରିଛି। ସାଉଥକୋ ପକ୍ଷରୁ ଉପଭୋକ୍ତାଙ୍କ ଘରେ ଲଗାଯାଇଥିବା ମିଟର ମଧ୍ୟ କେନ୍ଦ୍ରୀୟ ବିଦ୍ୟୁତ କର୍ତ୍ତୃପକ୍ଷଙ୍କ ନିୟମାନୁଯାୟୀ ବସାଯାଇ ନ ଥିବା ସଂଗଠନ କହିଛି। ସାଉଥକୋ ପକ୍ଷରୁ ଏନଏବିଏଲ ଏକ୍ରିଡେଟେଡ ଟେଷ୍ଟିଂ ଲ୍ୟାବରୁ ଟେଷ୍ଟ ହୋଇଥିବା ମିଟର ଉପଭୋକ୍ତାଙ୍କ ଘରେ ଲଗାଯିବା, ବର୍ଦ୍ଧିତ ବିଦ୍ୟୁତ ବିଲ ଦେୟ ପ୍ରତ୍ୟାହାର କରିବା, କୋଭିଡ ସମୟରେ ସମସ୍ତ ଉପଭୋକ୍ତାଙ୍କ ବିଦ୍ୟୁତ ଦେୟ ଛାଡ କରିବାକୁ ସଂଗଠନ ଦାବି କରିଛି। ଦାବିପତ୍ର ପ୍ରଦାନ ବେଳେ ସମ୍ପାଦକ ସତୀଶ କୁମାର ପାଣିଗ୍ରାହୀ, ଅସୀତ ପଣ୍ଡା, ବିଶ୍ୱନାଥ ମାରଣା, ଦିନେଶ ପଟ୍ଟନାୟକ, ଆଇନଜୀବୀ କୁନାଲ ସାହୁ, ଅଞ୍ଜଳୀ ମହାନ୍ତିଙ୍କ ସମେତ ସଂଗଠନର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ସହାୟତାରୁ ବଞ୍ଚିତ ଯୋଗ୍ୟ ହିତାଧିକାରୀ

**ଖଜୁରିପଡ଼ା/ବଲସକୁମ୍ପା, ୨୫।୯(ଡି.ଏନ.ଏ.)**

ଗରିବ ଲୋକମାନଙ୍କ ହିତସାଧନ ଲାଗି ସରକାର ବହୁ ଯୋଜନା ପ୍ରଣୟନ କରିଛନ୍ତି। କିଛି ଲୋକ ଏହି ଯୋଜନାର ଲାଭ ପାଉଥିବା ବେଳେ ଆଉ କେତେଜଣଙ୍କୁ ଏହା ଅଡୁଆରେ ପକାଇ ଦେଇଛି। ଏହା ଦେଖିବାକୁ ମିଳିଛି କନ୍ଧମାଳ ଜିଲା ଖଜୁରିପଡା ବ୍ଲକ ବଲସକୁମ୍ପା ଗ୍ରାମ ପଞ୍ଚାୟତ ଅଧୀନ କ୍ଷେତା ପାଜୁ ଗ୍ରାମରେ। ଏହି ଗ୍ରାମରେ ମହେନ୍ଦ୍ର ସେଠୀ (୫୪), ଆମ୍ବା କହଁର (୭୫), ଜିତେନ୍ଦ୍ର କୁମାର ସେଠୀ (୩୩) ଓ ପଦ୍ମନାଭ ବିନ୍ଧାଣି (୯୫ )ବସବାସ କରନ୍ତି। ସରକାରୀ ଓ ବେସରକାରୀ କ୍ଷେତ୍ରରେ ଆଧାର କାର୍ଡ ବାଧ୍ୟତାମୂଳକ କରାଯାଇଛି। ଏଥିପାଇଁ ଲୋକମାନେ ବ୍ୟସ୍ତ ହୋଇ ଆଧାର କାର୍ଡ ତିଆରି କରୁଛନ୍ତି। ବ୍ୟାଙ୍କ୍ ଆକାଉଣ୍ଟ , ରାଶନ କାର୍ଡ, ଆବାସ ଯୋଜନା ହେଉ କିମ୍ବା



ସରକାରୀ ସହାୟତା ପାଇବାରୁ ବଞ୍ଚିତ ବ୍ୟକ୍ତି।

**ନାହିଁ ଆଧାର କାର୍ଡ**

ବାର୍ଦ୍ଧକ୍ୟ, ବିଧବା, ବିକଳାଙ୍ଗ ଭତ୍ତା ପାଇଁ ମଧ ଆଧାର କାର୍ଡକୁ ଗୁରୁତ୍ୱ ଦିଆଯାଇଛି। ଏଥିପାଇଁ ଉକ୍ତ ଚାରି ଜଣ ବ୍ୟକ୍ତି ଆଧାର କାର୍ଡ କରିବା ଲାଗି ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେମାନେ କେତେବେଳେ ବ୍ଲକ, ଜିଲାପାଳଙ୍କ କାର୍ଯ୍ୟାଳୟ, ଆଉ କେତେବେଳେ ଆଧାର କାର୍ଡ ଫଟୋ ଉଠାଉଥିବା କ୍ୟାମ୍ପକୁ ଯାଉଛନ୍ତି। ବାରମ୍ବାର ଆଧାର କାର୍ଡ ଫଟୋ ଉଠେଇଥିଲେ ମଧ ତାହା କୌଣସି କାରଣବଶତଃ ନାକଚ ହୋଇଯାଉଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। ଏ ନେଇ ବ୍ଲକ ପ୍ରଶାସନଠୁ ଆରମ୍ଭ କରି ଜିଲା ପ୍ରଶାସନ ପର୍ଯ୍ୟନ୍ତ ଯାଇ ଲିଖିତ ଓ ମୌଖିକ ଭାବେ ଜଣାଇଥିଲେ ମଧ କୌଣସି ସୁଫଳ ମିଳୁନାହିଁ।

ଜିତେନ୍ଦ୍ର ଓ ମହେନ୍ଦ୍ର ଦିନ ମଜୁରିଆ ଭାବେ କାମ କରି ଅତି କଷ୍ଟରେ ଜୀବନ ବିତାଉଥିବା ବେଳେ ଆମ୍ବାଙ୍କ କେହ ନଥିବାରୁ ସେ ବାର ଦୁଆରୁ ମାଗି ଆଣି ଚଳୁଛନ୍ତି। ପଦ୍ମନାଭ ଚଲାବୁଲା ନ କରିପାରି ଘରେ ପଡ଼ି ରହୁଛନ୍ତି। କେତେବେଳେ କିଏ କ’ଣ ଟିକେ ଖାଇବାକୁ ଦେଲେ ସେ ଖାଇ ଜୀବନ ବିତାଉଛନ୍ତି। ଏମାନଙ୍କ ପାଇଁ ଦାଉ ସାଜିଛି ଆଧାର କାର୍ଡ। ଆଧାର କାର୍ଡ ନ ଥିବାରୁ ସମସ୍ତେ ବାର୍ଦ୍ଧକ୍ୟ ଭତ୍ତା ସହ ସରକାରୀ ସହାୟତାରୁ ବଞ୍ଚିତ ହୋଇଛନ୍ତି। ଜିତେନ୍ଦ୍ର କୁମାର ସେଠୀ ସବୁ ଅଫିସ୍ କାର୍ଯ୍ୟାଳୟକୁ ଦୌଡ଼ି ଦୌଡ଼ି ଆଧାର କାର୍ଡ ପାଇଁ ହତାଶ ହେବାରୁ ମାର୍ଚ୍ଚ ୧୬ ତାରିଖରେ ଲୋକ ଅଦାଲତ କନ୍ଧମାଳରେ କେନ୍ଦ୍ର ସରକାରଙ୍କ ନାଁରେ ଅଭିଯୋଗ କରିଛନ୍ତି।

## ଗଞ୍ଜାମରେ ସ୍ୱାସ୍ଥ୍ୟ, ପୁଷ୍ଟି ଉପରେ ୱେବିନାର

**ଛତ୍ରପୁର,୨୫।୯(ଡି.ଏନ.ଏ.)**

ଗଞ୍ଜାମରେ କୋଭିଡ୍ ସପ୍ତାହ ପାଳନ ଅବସରରେ ଜିଲା ପ୍ରଶାସନ ପକ୍ଷରୁ ଶୁକ୍ରବାର ସନ୍ଧ୍ୟାଠାରୁ ସ୍ୱାସ୍ଥ୍ୟ ଓ ପୁଷ୍ଟି ସମ୍ବନ୍ଧୀୟ ୱେବିନାର୍ ଆରମ୍ଭ ହୋଇଥିବା ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ସୂଚନା ଦେଇଛନ୍ତି। କୋଭିଡ୍ ମହାମାରୀ ସମୟରେ କିଭଳି ସୁରକ୍ଷିତ ରହିହେବ ସେ ନେଇ ଗଞ୍ଜାମ ପ୍ରଶାସନର ଟୁଇଟର ଓ ଫେସବୁକ୍ ଲାଇଭ୍ ଅଧିବେଶନରେ ଏକ୍ସପର୍ଟ, ବିଶେଷଜ୍ଞମାନେ ସୂଚନା ଦେବା ସହ ଜନସାଧାରଣଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଉଛନ୍ତି। ପ୍ରଥମ ଦିନ ଗଣ୍ଠି ରୋଗ ଚିକିତ୍ସା ବିଶେଷଜ୍ଞ ପ୍ରଦୀପ୍ତ ଶେଖର ପାତ୍ର ଲାଇଭ୍‌ରେ ଆସି କିଭଳି ଏହି ସମସ୍ୟାରୁ ରକ୍ଷା ପାଇହେବ ସେ ସମ୍ପର୍କରେ କହିଥିଲେ। ପରବର୍ତ୍ତୀ ସନ୍ଧ୍ୟା ଗୁଡିକରେ ହେବାକୁ ଥିବା ୱେବିନାର ଲାଇଭ୍‌ରେ ପୁରୀ ଯୋଗଧାମର ସଭାପତି ଶ୍ରୀକୃଷ୍ଣ ଗୋପାଳ ଦାସଜୀ ମହାରାଜ, ଡାଏଟ କାଉନସିଲର ନିହାରିକା ଦାଶ, ହୃଦରୋଗ ବିଶେଷଜ୍ଞ ସୁଶାନ୍ତ ପ୍ରଧାନ, ବ୍ରହ୍ମପୁର ଏମକେସିଜି ମେଡିକାଲ କଲେଜ ମାନସିକ ରୋଗ ଚିକିତ୍ସା ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଡାକ୍ତର ବିଭୁ କଲ୍ୟାଣ ସାହୁ ଓ ଭେଷଜ ବିଶେଷଜ୍ଞ ସୁନୀଲ କୁମାର କୋଟା ଆସି ସ୍ୱାସ୍ଥ୍ୟ ଓ ପୁଷ୍ଟି ସମ୍ପର୍କରେ ବିଭିନ୍ନ ପରାମର୍ଶ ଦେବେ ବୋଲି ଜିଲାପାଳ ସୂଚନା ଦେଇଛନ୍ତି।

**ପରାମର୍ଶ ଦେଉଛନ୍ତି ବିଶେଷଜ୍ଞ, ଏକ୍ସପର୍ଟ**




ଲାଇଭ୍ କାର୍ଯ୍ୟକ୍ରମ।

## ଋଷିକୁଲ୍ୟା ରୟତ ମହାସଭାର ସ୍ମାରକପତ୍ର

**ଛତ୍ରପୁର,୨୫।୯(ଡି.ଏନ୍.ଏ.)**

କେନ୍ଦ୍ର ସରକାର ତରବରିଆ ଭାବେ ୩ଟି କୃଷି ବିଲ୍ ପାସ୍ କରିଛନ୍ତି। ଯାହାକି ଚାଷୀ ବିରୋଧୀ। ତେଣୁ ତୁରନ୍ତ ଏହାର ପ୍ରତ୍ୟାହାର କରିବା ପାଇଁ ଋଷିକୁଲ୍ୟା ରୟତ ମହାସଭା ପକ୍ଷରୁ ନିବେଦନ କରାଯାଇଛି। ଏ ନେଇ ଶୁକ୍ରବାର ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳଙ୍କୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। ମହାସଭା ସମ୍ପାଦକ ସୀମାଞ୍ଚଳ ନାହାକ କହିଛନ୍ତି, ଗଞ୍ଜାମ ଜିଲାରେ ମଣ୍ଡି ଥାଇ ସୁଦ୍ଧା ୭୦ ଭାଗ ଚାଷୀଙ୍କ ଧାନ ସରକାର କିଣୁ ନ ଥିବାରୁ ଚାଷୀ ମଧ୍ୟସ୍ଥ ଦଲାଲମାନଙ୍କୁ ବିକି କ୍ଷତି ସହୁଛି। ନୂଆ ଆଇନରେ ବେପାରୀ ଓ କମ୍ପାନୀ ମାନଙ୍କ ଦ୍ୱାରା ବଜାର ନିୟନ୍ତ୍ରଣ ହେବ। ଯାହାଦ୍ୱାରା ଚାଷୀ କ୍ଷତିଗ୍ରସ୍ତ ହେବେ। ଏଣୁ କେନ୍ଦ୍ର ସରକାରଙ୍କ ପ୍ରତିଶ୍ରୁତି ଅନୁଯାୟୀ ସ୍ୱାମୀନାଥନ ରିପୋର୍ଟ କାର୍ଯ୍ୟକାରୀ କରି ଧାନ କୁଇଣ୍ଟାଲ ପିଛା ୩ ହଜାର ଟଙ୍କା ଘୋଷଣା କରି ମଣ୍ଡି ମାଧ୍ୟମରେ ସବୁ ଚାଷୀଙ୍କ ଧାନ କିଣିବାକୁ ନିର୍ଦ୍ଦେଶ ଦେବାକୁ ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି। ସେହିପରି ଠିକା ଚାଷ ବିଲ୍ କାର୍ଯ୍ୟକାରୀ ହେଲେ ଗରିବ ଚାଷୀଙ୍କ ଜମି ଧୀରେ ଧୀରେ କମ୍ପାନୀ ପାଖକୁ ଚାଲିଯିବ। ତେଣୁ ଉକ୍ତ ବିଲ୍ ପ୍ରତ୍ୟାହାର କରିବା ସହ ଭାଗ ଚାଷୀ ଆଇନ୍ କାର୍ଯ୍ୟକାରୀ କରିବାକୁ ମହାସଭା ପ୍ରସ୍ତାବ ଦେଇଛି। ଅନ୍ୟପକ୍ଷରେ ଅତ୍ୟାବଶ୍ୟକ ସାମଗ୍ରୀ ଗହମ, ଡାଲି, ଚାଉଳ, ତେଲ ଆଦି ସରକାରଙ୍କ ନିୟନ୍ତ୍ରଣରେ ନ ରହିଲେ ଅସାଧୁ ବେପାରୀ ଏସବୁର ମୂଲ୍ୟ ବୃଦ୍ଧି କରି ଖାଉଟିଙ୍କୁ ଶୋଷଣ କରିବେ। ଏଣୁ ଜନସାଧାରଣ ସ୍ୱାର୍ଥ ଦୃଷ୍ଟିରୁ ଏହି ବିଲ୍‌କୁ ପ୍ରତ୍ୟାହାର କରିବାକୁ ଦାବି ହୋଇଛି।

# କୃଷକ ସମନ୍ୱୟ ସମିତିର ଧାରଣା, ବିକ୍ଷୋଭ

**ବ୍ରହ୍ମପୁର ଅଫିସ,୨୫।୯**

ସଂସଦରେ ଗୃହୀତ କୃଷି ବିଲ୍‌କୁ ଶୁକ୍ରବାର ଅଖିଳ ଭାରତ କୃଷକ ସଂଘର୍ଷ ସମନ୍ୱୟ ସମିତି ଗଞ୍ଜାମ ଜିଲା ଶାଖା ପକ୍ଷରୁ ବିରୋଧ କରାଯାଇଛି। ପୂର୍ବାହ୍ନରେ ବିଜିପୁର ଗୋପବନ୍ଧୁ ଛକଠାରୁ ସଂଗଠନ ପକ୍ଷରୁ ଏକ ପ୍ରତିବାଦ ଶୋଭାଯାତ୍ରା ବାହାରି ପୁରୁଣା ବସଷ୍ଟାଣ୍ଡ ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ବିକ୍ଷୋଭ କରାଯିବା ସହ ଧାରଣା ଦିଆଯାଇଥିଲା। କୃଷି ବିଲ୍‌କୁ ଏକପାଖିଆ ଭାବେ ଉଭୟ ଲୋକସଭା ଓ ରାଜ୍ୟସଭାରେ ସରକାର ଗୃହୀତ କରାଇଥିବା ସଂଗଠନ ଅଭିଯୋଗ କରିଥିଲା। ଏହି କୃଷକ ତଥା ଖାଉଟି ବିରୋଧୀ ବିଲ୍‌କୁ ରଦ୍ଦ କରିବାକୁ ସଂଗଠନ ଦାବି କରିଛି। କୃଷିଜାତ ସାମଗ୍ରୀ ବିପଣନ ଓ କାରବାର ବିଲ, ଅତ୍ୟାବଶ୍ୟକୀୟ



ବ୍ରହ୍ମପୁର ପୁରୁଣା ବସ୍‌ଷ୍ଟାଣ୍ଡଠାରେ ଅଖିଳ ଭାରତ କୃଷକ ସଂଘର୍ଷ ସମନ୍ୱୟ ସମିତିର ବିକ୍ଷୋଭ।

ସାମଗ୍ରୀ ଆଇନ ୧୯୫୫ ସଂଶୋଧନ ବିଲ, ଘରୋଇ ମଣ୍ଡି ଆଇନ, ନୂତନ ବିଦ୍ୟୁତ ବିଲକୁ ମଧ୍ୟ ପ୍ରତ୍ୟାହାର କରିବାକୁ ସଂଗଠନ ଦାବି କରିଛି। ବିକ୍ଷୋଭ ସମାବେଶରେ ଲୋକଶକ୍ତି ଅଭିଯାନ ପ୍ରଫୁଲ୍ଲ ସାମନ୍ତରା, ଓଡିଶା କୃଷକ ସଭାର ରାଜ୍ୟ ଉପସଭାପତି ପି. ହରିକୃଷ୍ଣ ରେଡ୍ଡୀ, କୃଷକ ସଂଘର୍ଷ ସମନ୍ୱୟ ସମିତିର ଜିଲା ସଭାପତି ଗୋପାଳ ପାଣିଗ୍ରାହୀ, ସମ୍ପାଦକ ବସନ୍ତ ନନ୍ଦ, ଅଖିଳ ଭାରତୀୟ କୃଷକ ମଜଦୁର ସଭାର ଜାତୀୟ ସମ୍ପାଦକ ଭାଲଚନ୍ଦ୍ର ଷଡ଼ଙ୍ଗୀ, ରାଜ୍ୟ ସମ୍ପାଦକ ପ୍ରତାପ ନାୟକଙ୍କ ସମେତ କ୍ରାନ୍ତିକାରୀ କୃଷକ ସଭା, ମାନବ ଅଧିକାର ସୁରକ୍ଷା ମଞ୍ଚଙ୍କ ସମେତ ବିଭିନ୍ନ ସଂଗଠନର ବରିଷ୍ଠ ନେତା ସାମିଲ ହୋଇଥିଲେ।

